▶ ୧୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ ଦାବି

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦରଖାସ୍ତ ଲେଖିଲେ ପଞ୍ଚାୟତବାସୀ

ମାଥିଲି,୧୧।୫ (ସମିସ): ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କିନ୍ତୁ ସୀମାନ୍ତ ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାର ଉନ୍ନତି ପାଇଁ ସରକାର କୌଣସି ସେପରି ପଦକ୍ଷେପ ନେଉ ନଥିବା ଦେଖିବାକୁ ମିଳୁଛି। ବିଶେଷ କରି ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରୁଥିବା ଚିତ୍ର ଦେଖିବାକୁ ମିଳିଛି। ଯଦି ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାର ଉନ୍ନତି ପାଇଁ ଯେଉଁ ଭିତ୍ତିଭୂମି ଆବଶ୍ୟକ, ତାହା ସୀମାନ୍ତ ଅଞ୍ଚଳରେ ପୂରଣ ହୋଇ ପାରି ନାହିଁ। ସେଥିପାଇଁ ସୀମାନ୍ତ ଅଞ୍ଚଳର ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡି ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯିବା ପାଇଁ ବାଧ ହେଉଛନ୍ତି। ସେଠାରେ ନିର୍ଯାତନାର ଶିକାର ହେଉଥିବା ସହ କେହି କେହି ମଧ ମୃତ୍ୟୁବରଣ କରି ଶବ ହୋଇ ଘରକୁ ଫେରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଛତିଶଗଡ଼ ସୀମାନ୍ତ କଓ୍ୱାପାଲ୍ଲୀ ପଞ୍ଚାୟତ ବାସୀ ଏକତ୍ରିତ ହୋଇ ନିଜ ପଞ୍ଚାୟତରେ ୧୫୦ ଶଯ୍ୟା ବିଶିଷ୍ଟ ଏକ ହଷ୍ଟେଲ ନିର୍ମାଣ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦରଖାସ୍ତ ଲେଖିଛନ୍ତି। ସୂଚନା ମୁତାବକ କଓ୍ୱାପାଲ୍ଲୀ ପଞ୍ଚାୟତ ଏକ ଆଦିବାସୀ ବହୁଳ ସହିତ ଅଧିକାଂଶ ପରିବାର ଗରିବ ଶ୍ରେଣୀର ଅଛନ୍ତି। ଛାତ୍ରଛାତ୍ରୀଙ୍କୁ ଯଦିବା ପାଠ ପଢାଇବାର ଇଚ୍ଛା ଶକ୍ତି ଥିଲେ ବି ସେମାନଙ୍କ ନିକଟରେ ଶିକ୍ଷାର ଉନ୍ନତି ପାଇଁ କୌଣସି ଭିତ୍ତିଭୂମି ନାହିଁ। କଓ୍ୱାପାଲ୍ଲୀ ପଞ୍ଚାୟତ ସଦର ମହକୁମା ଠାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ମାତ୍ର ୪୪ଜଣ ରହିବା ପାଇଁ ଛାତ୍ରାବାସ ଅଛି। ଯାହା ଗୋଟିଏ ପଞ୍ଚାୟତ ପାଇଁ ସମୁଦ୍ରକୁ ଶଙ୍ଖେ। ସେଥିପାଇଁ ପଞ୍ଚାୟତର ଦୁରୁଆ ସମାଜର ବ୍ଲକ ସଭାପତି ଗଗନ କୁମାର ଦୁରୁଆ, ସରପଞ୍ଚ ସମିତି ସଭ୍ୟା ଶୁକ୍ରୀ ମାଦ୍ରୀ, ହାତୀରାମ ଭୂମିଆ, କୃତିବାସ ଭୂମିଆ, ସମାରୁ ଭୂମିଆ ଓ ଜଗନ୍ନାଥ ମାଦ୍ରୀଙ୍କ ସମେତ ପଞ୍ଚାୟତର ଅନେକ ଜନସାଧାରଣ ଦସ୍ତଖତ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବାକି ଦେଖିବାକୁ ରହିଲା, ଜିଲ୍ଲା ଶିକ୍ଷା ଅଧିକାରୀ କେବେ ଏହି ସୀମାନ୍ତ ପଞ୍ଚାୟତବାସୀଙ୍କ ଅଭିଯୋଗ ପୂରଣ କରୁଛନ୍ତି।

ପ୍ରେମିକାକୁ ପାଇବା ପାଇଁ ଶିଶୁପୁତ୍ର ଚୋରି ଉଦ୍ୟମ

# ଧରାପଡ଼ି ଛେଚା ଖାଇଲେ, ଥାନାରେ ଅଟକ



ମୋଟୁ/ଏମଭି୭୯, ୧୧।୫(ସମିସ): ପ୍ରେମିକାକୁ ପାଇବା ପାଇଁ ପ୍ରେମିକର ଶିଶୁପତ୍ର ଚୋରି ଉଦ୍ୟମ। ପିଲା ଚୋରକୁ କାବୁ କରି ଖୁଣ୍ଟରେ ବାନ୍ଧି ଉତ୍ତମ ମଧ୍ୟମ ଦେବା ପରେ ପୁଲିସ ଜିମା ଦେଲେ ଗାଁ ଲୋକ । ଏପରି ଏକ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଏମଭି ୧୧୪ ଗ୍ରାମରେ। ଖବର ପାଇ ଆଜି ସକାଳୁ ମୋଟୁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଯୁବକକୁ ଉଦ୍ଧାର କରି ଥାନାକୁ ନେଇ ଯାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ଏମଭି ୬୦ ଗ୍ରାମର ସୁବ୍ରତ ମଣ୍ଡଳ ନାମକ ଅଭିଯୁକ୍ତ ଯୁବକ ଜଣଙ୍କ ଏମଭି ୧୧୪ ଗ୍ରାମର ଜଣେ ମହିଳାଙ୍କୁ ଭଲ ପାଉଥିଲା ମହିଳା ଓ ଅଭିଯୁକ୍ତ ଜଣଙ୍କ ଆନ୍ଧ୍ରରେ କାମ କରୁଥିବା ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତେବେ କିଛି ଦିନ ହେଲା ମହିଳା ଜଣଙ୍କ ନିଜ ଗ୍ରାମ ଏମଭି ୧୧୪କୁ ଚାଲି ଆସିଥିଲେ। ସେ ଯୁବକଙ୍କ ସହିତ ଆଉ ଯୋଗାଯୋଗରେ ନ ଥିଲେ । ମହିଳାଙ୍କ ସହ ଯୁବକ ଜଣଙ୍କର ଯୋଗାଯୋଗ ହୋଇପାରି ନଥିବାରୁ ସେ କ୍ଷୁବ୍ଧ ହୋଇ ଉକ୍ତ ମହିଳାଙ୍କ ପୁଅକୁ ଅପହରଣ କରି ନେବାକୁ ଯୋଜନା କରିଥିଲେ। ପୁଅ ଗଲେ ମହିଳା ଜଣଙ୍କ ଆପେ ଆପେ ତାଙ୍କ ପାଖକୁ ଆସିଯିବେ ଭାବି ଆଜି ଭୋର ସମୟରେ ଅଭିଯୁକ୍ତ ଯୁବକ ଏମଭି ୧୧୪ ଗ୍ରାମକୁ ଆସି ମହିଳାଙ୍କ ଶିଶୁ ପୁତ୍ରକୁ ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ମହିଳାଙ୍କ ପୁଅ ବଦଳରେ ତାଙ୍କ ଘର ପଡୋଶରେ ରହୁଥିବା ୫ ବର୍ଷ ର ଶିଶୁ ପୁତ୍ରକୁ ଅପହରଣ କରି ନେଇଯାଇଥିଲେ। ତେବେ ଗ୍ରାମବାସୀ ଏହା ଜାଣି ପାରି ଚୋରର ପିଛା କରି ଗାଁ ନିକଟରୁ ଶିଶୁପୁତ୍ରକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ବାନ୍ଧି ପୁଲିସକୁ ଖବର ଦେଇଥିଲେ। ଅପହୃତ ଶିଶୁ ପୁତ୍ରଟି ଅପହରଣ ସମୟରେ ସାମାନ୍ୟ କ୍ଷତାକ୍ତ ହୋଇଥିବା ବେଳେ ଅଭିଯୁକ୍ତ ଯୁବକକୁ ପୁଲିସ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି।

# ଉଦ୍ଧାର ହରିଣର ମୃତ୍ୟୁ



ବିଷମ କଟକ,୧୧।୫(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ବନସଂରକ୍ଷିତ ଅଧୀନରେ ଥିବା ରାଣିବନ୍ଧ ଗ୍ରାମବାସୀଙ୍କ ପକ୍ଷରୁ ଉଦ୍ଧାର ହରିଣର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନ ସମୟରେ ନିୟମଗିରି ପାହାଡରୁ ଗୋଟିଏ ହରିଣ କୌଣସି କାରଣ ବଶତଃ ରାଣିବନ୍ଧ ଗାଁ ମୁହାଁ ହୋଇ ଦୌଡି ଦୌଡ ଗ୍ରାମରେ ପ୍ରବେଶ କରିଥିଲା। ଗ୍ରାମବାସୀ ମାନେ ଉକ୍ତ ହରିଣକୁ ଦେଖିବା ପରେ କାବୁ କରିଥିଲେ। ହେଲେ ହରିଣଟି ମାତ୍ରାଧିକ ଖରାରେ ଦୌଡି ଦୌଡି ଆସିଥିବାରୁ ଅଚେତ ପ୍ରାୟ ହୋଇଯାଉଥିଲା। ଗ୍ରାମବାସୀ ହରିଣ ଉଦ୍ଧାର ସଂକ୍ରାନ୍ତରେ ବନବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ବନପାଳ ହେମ କୁମାର ବେହେରା ଏବଂ ବନରକ୍ଷୀ ସୁମିତ୍ରା ସାହୁ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ହରିଣକୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଭ୍ରାମ୍ୟମାଣ ଚିକିତ୍ସା ଦଳକୁ ଯୋଗା ଯୋଗକରିଥିଲେ। ଚିକିତ୍ସା ଦଳ ହରିଣଟିର ଚିକିତ୍ସା ଜାରି ରଖିଥିବା ବେଳେ ତାର ମୃତ୍ୟୁ ହୋଇଯାଇଥିଲା। ହରିଣଟିର ମୃତ୍ୟୁ ପରେ ବିଷମକଟକ ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ. ରେବତୀ ରମଣ ମହାନ୍ତିଙ୍କ ତତ୍ତ୍ୱାବଧନରେ ହରିଣର ଶବ ବ୍ୟବଚ୍ଛେଦ କରାଯାଥିଲା। ହରିଣର ଶବ ବ୍ୟବଚ୍ଛେଦ ପରେ ମୃତ ହରିଣକୁ ବନ କର୍ମଚାରୀ ଚାଟିକୋଣା ନର୍ସରୀ ପରିସରରେ ପୋତି ଦେଇଛନ୍ତି। ହରିଣଟିର ବୟସ ଆନୁମାନିକ ୩ ବର୍ଷ ହେବ। ଲୋକଙ୍କୁ ଦେଖି ହରିଣଟି ଭୟଭିତ ହୋଇ ହୃଦ୍‌ଘାତରେ ପ୍ରାଣ ହରାଇଥିବା ଡାକ୍ତର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ଜଙ୍ଗଲ ଜନ୍ତୁ ଗାଁ ମୁହା ହେବା ସହ ମୃତ୍ୟୁବରଣ କରୁଥିବା ଜଣାପଡ଼ିଛି।

# ପଦ୍ମପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପଦ୍ମପୁର,୧୧।୫(ସମିସ):

ସୋମବାର ଦିନ ପଦ୍ମପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସେନର ବାର୍ଲା, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ପଦ୍ମପୁର ବ୍ଲକ୍ ଅଧକ୍ଷା ମଣିମାଳା ଶବର ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଆଜି ମୋଟ ୨୯ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୨୬ଟି ବ୍ୟକ୍ତିଗତ, ୩ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଜଣକା ଦଶ ହଜାର ହିସାବରେ ୩ ଜଣଙ୍କୁ ଜିଲ୍ଲାପାଳ ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଅବକାରୀ ନିରୀକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ ପଦ୍ମପୁର ତହସିଲଦାର ସୁବଶିଷ ଶତପଥୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ ଚନ୍ଦ୍ର ଜାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।



# ଗୋରୁ ସହ ବାଇକ୍ ଧକ୍କା, ଯୁବକ ଗୁରୁତର

କାଲିମେଳା,୧୧।୫(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି -୨୩ ଗ୍ରାମ ନିକଟରେ ଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋରୁ ସହ ମଟରସାଇକେଲ ଧକ୍କା ହେବା ଫଳରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣକ ଏମପିଭି -୨୭ ଗ୍ରାମର ସୌରଭ ବାଇନ (୨୧) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ଯୁବକ ଜଣକ ବାଇକରେ ଯାଉଥିବା ସମୟରେ ଅଚାନକ ରାସ୍ତା ଉପରକୁ ଗୋରୁ ଆସିଯିବାରୁ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଯୁବକଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ୍ ଏବଂ ବର୍ତ୍ତମାନ ବିଶାଖାପାଟନମ ମେଡିକାଲରେ ଭର୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

● ବସ୍ ଓ ବୋଲେରୋ ମୁହାଁମୁହିଁ ଧକ୍କା

# ଜିଲ୍ଲା କୃଷି ଅଧିକାରୀ, ବୋଲେରୋ ଚାଳକ ଆହତ

ମାଲକାନଗିରି, ୧୧।୫(ସମିସ): ମାଲାନଗିରି ଜିଲ୍ଲା ବନ୍ଧଗୁଡ଼ା ନିକଟରେ ସଡ଼କ ଦୁର୍ଘଟଣାରେ ଜିଲ୍ଲା କୃଷି ଅଧିକାରୀଙ୍କ ସହ ତାଙ୍କ ଗାଡି ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ ନିଜ ସରକାରୀ ଗାଡ଼ିରେ ଜିଲ୍ଲାର ଧୁଙ୍ଗିଆପୁଟରେ ଅନୁଷ୍ଠିତ ହେଉଥିବା ଜନ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିଲେ। ଜିଲ୍ଲା ସଦରରୁ ଜୟପୁରକୁ ସଂଯୋଗ ୩୨୬ ନମ୍ବର ଜାତୀୟ ରାଜଥରେ ଯିବା ବେଳେ ବନ୍ଧଗୁଡ଼ା ଗ୍ରାମ ନିକଟରେ ଏକ ମୋଟର ସାଇକେଲକୁ ସାଇଡ ଦେବାକୁ ଯାଇ ସାମ୍ନାରୁ ଆସୁଥିବା ଭଞ୍ଜନଗର କାଲିମେଳା ସରକାରୀ ବସ୍ ସହ କୃଷି ଅଧିକାରୀଙ୍କ ଗାଡ଼ିଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କୃଷି ଅଧିକାରୀ ଓ ତାଙ୍କ ଗାଡ଼ି ଚାଳକ ଈଶ୍ୱର ଭୂମିଆ ଏଥିରେ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଥିବା ବେଳେ କୃଷି ଅଧିକାରୀଙ୍କୁ ସାମାନ୍ୟ ଆଘାତ ଲାଗିଥିବା ହେତୁ ତାଙ୍କର ତୁରନ୍ତ ଚିକିତ୍ସା ପରେ ସେ ପ୍ରଶାସନର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚାଲି ଯାଇଛନ୍ତି। ଅନ୍ୟପଟେ ତାଙ୍କ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ବର୍ତ୍ତମାନ ତାଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ବସ୍‌ଟିର ବିଶେଷ କ୍ଷତି ହୋଇ ନଥିବା ବେଳେ କୌଣସି ଯାତ୍ରୀ ଏଥିରେ ଆହତ ହୋଇନଥିବା ଜଣାପଡ଼ିଛି। ତେବେ ବସ୍‌ର ସାମ୍ନା ଭାଗର କିଛି ଅଂଶ ସହ କୃଷି ଅଧିକାରୀଙ୍କ ଗାଡିର ସାମ୍ନା ଭାଗରେ ବ୍ୟାପକ କ୍ଷତି ହୋଇଛି। ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ୫ବର୍ଷ ହେଲା ରାସ୍ତା ମରାମତି ହେଉନି

ଅଞ୍ଚଳବାସୀଙ୍କ ଅସନ୍ତୋଷ

କଲ୍ୟାଣସିଂହପୁର,୧୧।୫(ସମିସ): ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କଟକିନାଳ ଠାରୁ ପୁରୁଣା ବସଷ୍ଟାଣ୍ଡ ରାସ୍ତା ୫ ବର୍ଷହେବ ମରାମତି ହୋଇ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଭୟ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଯାଇଥିବା ଆର୍‌ଡି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। କାର୍ଯ୍ୟ ଆରମ୍ଭରୁ ଆଜିଯାଏ ପିଚୁପଡିବା ପରେ ଥରୁଟିଏ ମଧ ରକ୍ଷଣାବେକ୍ଷଣ ହୋଇନାହିଁ। ବଡ଼ ବଡ଼ ଖାଲଖମା ସହ ମେଟାଲ ବାହାରି ପଡିଥିବାରୁ ଲୋକେ ଚାଲିକି ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ସ୍ଥାନୀୟ ଜନସାଧାରଣ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ମରାମତି ସ୍ଥଳରେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକା ସଂସ୍ଥାର କେହି କର୍ମଚାରୀ ତଦାରଖ କରିନଥିବାରୁ ରାସ୍ତା ଏପରି ହୋଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁଁ ରାତିରେ କଣ, ଦିନରେ ଯାତାୟାତ ସମୟରେ ଦୁର୍ଘଟଣା ଘଟି ଆହତ ହେଉଛନ୍ତି ବୋଲି ଅଞ୍ଚଳବାସୀ ପ୍ରକାଶ କରୁଛନ୍ତି। ଏହିରାସ୍ତା କଟକୀ ନାଳ ଗ୍ରାମ ଛକଠାରୁ ଦେବଗିରି ପାହାଡ଼ ଦେଇ ପୁରୁଣା ବସଷ୍ଟାଣ୍ଡକୁ ସଂଯୋଗ ହେଉଥିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁବାର ଲିଖିତ ଅଭିଯୋଗ ପରେ ମଧ କେହି ଶୁଣୁ ନଥିବା ଅଭିଯୋଗ ହୋଇଛି। ଏଣୁ ଜିଲ୍ଲାପାଳ ଦୃଷ୍ଟି ଦେଇ ବିଭାଗ ଅଧିକାରୀଙ୍କୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ଦାବି ହୋଇଛି।



# ମାଥିଲି ଧୁଙ୍ଗିଆପୁଟରେ ମୁଖ୍ୟ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି,୧୧।୫(ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆଜି ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ତେବେ ଏହା ମଧ୍ୟରେ ପ୍ରଶାସନର ମୁଖ୍ୟ ଅଭିଯୋଗ ଶୁଣାଣି ଶିବିରଟି ମାଥିଲି ବ୍ଲକର ଧୁଙ୍ଗିଆପୁଟ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଡୋଲାମଣି ପ୍ରଧାନ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ମାଥିଲି ବ୍ଲକ ବ୍ୟତୀତ ଜିଲ୍ଲାର ଅନ୍ୟ ବ୍ଲକଗୁଡ଼ିକରେ ମଧ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କାଲିମେଳା ବ୍ଲକର ବାଡିଗେଟା, ମାଲକାନଗିରି ବ୍ଲକର ଝାରପାଲି, ଚିତ୍ରକୋଣ୍ଡା ବ୍ଲକର ବଡ଼ପଡ଼ା, ଖଇରପୁଟ ବ୍ଲକର ଗୋବିନ୍ଦପାଲି, କୋରୁକୋଣ୍ଡା ବ୍ଲକର ମାରିୱାଡ଼ା ଏବଂ ପୋଡ଼ିଆ ବ୍ଲକର ବାପନପାଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ଅବସରରେ ମୋଟ ୫୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଏବଂ ୩୫ଟି ଗ୍ରାମ ଭିତ୍ତିକ ସାମୂହିକ ସମସ୍ୟା ରହିଥିଲା।ଶିବିର ପରିସରରେ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସହାୟତା କ୍ୟାମ୍ପ ଆୟୋଜିତ ହୋଇଥିଲା। ମାଥିଲି ବିଡିଓ ପ୍ରମୋଦ ବେହେରା ଏବଂ ସହକାରୀ ଜିଲ୍ଲାପାଳ ପ୍ରୀତମ ଦେବତା ସମଗ୍ର କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଓ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ।



# କର୍ଣ୍ଣାଟକରେ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ

ଚନ୍ଦ୍ରପୁର,୧୧।୫(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ପିସ୍କାପଙ୍ଗା ଗ୍ରାମପଞ୍ଚାୟତ ଅଧୀନ ଧାରସିଂ ଗ୍ରାମର ଦେବେନ୍ଦ୍ର ବ୍ରେକବେଡା (୨୧) ସନ୍ଧ୍ୟାରେ କୌଣସି କାମରେ ବଜାରକୁ ଆସି ଫେରିବା ସମୟରେ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦେବେନ୍ଦ୍ର ଗତ ୩ ବର୍ଷ ହେଲା କର୍ଣ୍ଣାଟକ ରାଜ୍ୟର କନକଲାର ଗ୍ରାମର ଏକ ଇଟା ଭାଟିକମ୍ପାନିରେ କାମ କରି, ସେହି ଟଙ୍କାରେ ପରିବାର ପ୍ରତିପୋଷଣ କରୁଥିଲେ।। ତାଙ୍କ ଅକାଳ ମୃତ୍ୟୁ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। କର୍ଣ୍ଣାଟକ ରାଜ୍ୟରୁ ପୁଅର ପାର୍ଥିବ ଶରୀର କିପରି ଗାଁକୁ ଫେରି ଆସିବ, ସେନେଇ ପରିବାର ଓ ସରପଞ୍ଚ ପ୍ରତିନିଧି ସୁନା ବିଡିକା, ସମିତି ସଭ୍ୟ ଆକୁମାଝୀ ଗଗେରେଙ୍ଗା ଗ୍ରାମବାସୀ ଫୋନ ମାଧ୍ୟମରେ ରାୟଗଡ଼ା ଲେବର ଅଫିସ୍‌କୁ ଯୋଗାଯୋଗ କରି ଗୁହାରି ଜଣାଇଛନ୍ତି। କର୍ଣ୍ଣାଟକ ରାଜ୍ୟରେ ଘଟିଥିବାରୁ ସେଠାକାର ପୁଲିସ ସହ ଯୋଗାଯୋଗ କରି ସମସ୍ତ ସହାୟତା ଓ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଛି।

# ହଳଦୀ ଚାଷରେ ହସିଲା ମହିଳାଙ୍କ ସଂସାର



ସ୍ୱାବଲମ୍ବୀ ହେଲେ ଆଦିବାସୀ ମହିଳା

ରାମନାଗୁଡ଼ା,୧୧।୫(ସମିସ): ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ଉଦ୍ୟାନ କୃଷି ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶକ୍ତି ଅଧୀନ 'ଏମ୍ ପାୱାର'ର ମିଳିତ ସହଯୋଗରେ ହଳଦୀ ଚାଷ କରି ଏବେ ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନରେ ଥିବା ଡାବିଲିଗୁଡ଼ା ଓ ଅନ୍ୟ ଗ୍ରାମ ମହିଳାମାନେ ସଫଳତାର ସହ ନିଜର ଗୁଜୁରାଣ ମେଣ୍ଟାଇବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ପୂର୍ବରୁ ପାରମ୍ପରିକ ପଦ୍ଧତିରେ ଚାଷ କରୁଥିବା ମହିଳାମାନଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ଉନ୍ନତ ହଳଦୀ ବିହନ ଓ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା। ଏଥିସହିତ 'ଏମ୍ ପାୱାର' ପକ୍ଷରୁ ମହିଳାମାନଙ୍କୁ ସଂଗଠିତ କରିବା ସହ କ୍ଷେତ୍ର ପରିଦର୍ଶନ ଓ ହଳଦୀର ଉପଯୁକ୍ତ ବଜାର ବ୍ୟବସ୍ଥା ଦିଗରେ ମାର୍ଗଦର୍ଶନ ଦେଇଥିଲା। ବିଶେଷ କରି ଜୈବିକ ପଦ୍ଧତିରେ କିଭଳି ଅଧିକ ଅମଳ କରାଯାଇପାରିବ, ସେ ନେଇ ବିଭାଗୀୟ ଅଧିକାରୀମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ଚାଷ କରିବା ଦୁଇ ବର୍ଷ ପରେ ବର୍ତ୍ତମାନ ହଳଦୀ ଅମଳ କରାଯାଉଛି। ଏହା ଦ୍ୱାରା ହଳଦୀର ଗୁଣବତ୍ତା ଓ ରଙ୍ଗ ସଠିକ୍ ରହୁଥିବା ନେଇ ମହିଳା ଚାଷୀ କହିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୫ କ୍ୱିଣ୍ଟାଲ ଅମଳ ହୋଇଥିବା ହଳଦୀର ମାନ ଉନ୍ନତ ମାନର ହୋଇଥିବାରୁ ବଜାରରେ ଏହାର ଚାହିଦା ବୃଦ୍ଧି ପାଇଛି। ଆଗାମୀ ଦିନରେ ମହିଳାମାନେ କେବଳ କଞ୍ଚା ହଳଦୀ ବିକ୍ରି ନ କରି ଏହାର ପ୍ରକ୍ରିୟାକରଣ କରି ହଳଦୀ ଗୁଣ୍ଡ ପ୍ରସ୍ତୁତ କରିବା ସହ ଏହାର ବଜାରୀକରଣ ନେଇ ଲକ୍ଷ୍ୟ ରଖିଛନ୍ତି। ଯାହାଫଳରେ ସେମାନେ ଦୁଇ ପଇସା ଅଧିକ ଲାଭ ପାଇବେ ବୋଲି କହିଛନ୍ତି ଏମ୍ ପାୱାର ର ପ୍ରତିନିଧି। ଏହାଦ୍ୱାରା ସେମାନେ ନିଜ ପରିବାରର ଆର୍ଥିକ ବୋଝ ସମ୍ଭାଳିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଉଦ୍ୟାନ ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ, ଆଗାମୀ ଦିନରେ ରାମନାଗୁଡା ବ୍ଲକରେ ଅଧିକ ହଳଦୀ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳାମାନଙ୍କର ଏହି ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଛନ୍ତି। ବାସ୍ତବିକ୍ ସରକାରୀ ଯୋଜନା ଓ ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ ଗାଁର ମହିଳାମାନେ ଯେ କୌଣସି କ୍ଷେତ୍ରରେ ସଫଳ ହୋଇପାରିବେ, ତାହା ଏହି ହଳଦୀ ଚାଷ ପ୍ରମାଣିତ କରିଛି।

# କୋରାପୁଟ ଜିଲ୍ଲା ଜିତିଲା ୩୩ ପଦକ




**ଜୟପୁର,୧୧।୫(ସମିସ)** : ରାଜ୍ୟ ସ୍ତରୀୟ ୭ମ ୱାକୋ ଆମଚର କିକ୍ ବକ୍ସିଂ ପ୍ରତିଯୋଗିତା ଗଞ୍ଜାମ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ ଜିଲ୍ଲାର ୨୪ ଜଣ ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ ସ୍ତରର ପ୍ରତିଯୋଗିତାରେ ୮ଟି ସ୍ୱର୍ଣ୍ଣ, ୯ଟି ରୌପ ଏବଂ ୧୬ଟି ବ୍ରୋଞ୍ଜ ସହିତ ସମୁଦାୟ ୩୩ ଟି ପଦକ ପ୍ରାପ୍ତ କରିଛନ୍ତି। ସେହିପରି ଜଣେ ମାତ୍ର ଖେଳାଳି ଭାବେ କନିଷ୍ଠ ବାଳିକା ବିଭାଗରେ କେ.ନମ୍ରତା ଏଥିରେ ଭାଗ ନେଇ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଭିନ୍ନ ଶ୍ରେଣୀ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତା ମାନେ ହେଲେ ଅମିତ ନାୟକ, ରଞ୍ଜିତ ତୋଡାଇ, ସଞ୍ଜିବ ହରିଜନ, ଦେବାଶିଷ ପାତ୍ର, ସିଦ୍ଧାନ୍ତ ମହାନନ୍ଦିଆ, ବିଜୟ କୁମାର ସାହୁ ଏବଂ କନିଷ୍ଠ ବର୍ଗରେ ସେକ ଆର୍ଶାଦ ୨ ଟି ସ୍ୱର୍ଣ୍ଣ ପାଇଛନ୍ତି ହୋଇଛନ୍ତି। ଏଥିରେ ଜିଲ୍ଲାର କୋଚ ଭାବେ ସୟଦ ହବିବୁର ରେହେମାନ ଯୋଗ ଦେଇଥିଲେ। ଗତ ୬ ତାରିଖ ଠାରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଗଞ୍ଜାମ ଜିଲ୍ଲା କିକ୍ ବକ୍ସିଂ ମହାସଂଘ ପକ୍ଷରୁ ଗଞ୍ଜାମ ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟି ପରପୋଜ ଇଣ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସଂଗଠନ ଓ ସଂସ୍ଥା ପକ୍ଷରୁ ଜିଲ୍ଲାର ସଫଳତାକୁ ନେଇ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗୁଣିଗାରେଡି ସନ୍ଦେହରେ ତୁମୁଳକାଣ୍ଡ

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ



ନନ୍ଦପୁର,୧୧।୫(ସମିସ): ଯୁଗ ବଦଳୁଛି। ହେଲେ ଏବେ ମଧ୍ୟ ଗ୍ରାମାଞ୍ଚଳରେ ଲୋକେ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଗୁରୁତ୍ୱ ଦେଉଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ନନ୍ଦପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ ପାଛଲୁଙ୍ଗ ଗ୍ରାମ ପଞ୍ଚାୟତର ଅଣ୍ଡୁରଗଡ ଗ୍ରାମରେ। ଗୁଣିଗାରେଡି ସନ୍ଦେହରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହେବାରୁ ପାଡୁଆ ଥାନାରେ ଉଭୟ ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁ ଗୋଟିଏ ପରିବାର ଦୁଇ ଜଣ ମହିଳାଙ୍କୁ ମାଡ଼ ମାରି କ୍ଷତାକ୍ତ କରିଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ସେମାନେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଅଣ୍ଡୁରୁଗଡ ଗ୍ରାମର ଜାନକୀ ମା ପରିବାରକୁ ଉକ୍ତ ଗ୍ରାମ ପ୍ରଧାନ ପରିବାର ପକ୍ଷରୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗତ ୨୩ ଫେବୃୟାରୀ ସକାଳୁ ଗାଁ ଦାଣ୍ଡରୁ ଗାଇ ଗୋବର ଆଣିବାକୁ ଯାଇଥିବା ସମୟରେ ହୀରା ମା ପ୍ରଧନୀ, ସ୍ୱାମୀ ଶିବ ଶଙ୍କର ପ୍ରଧାନି, କାମେଶ୍ୱର୍ ପ୍ରଧାନି, ରବି ପ୍ରଧାନି, ସତ୍ୟମା ପ୍ରଧାନି ପ୍ରମୁଖ ଗାଁ ଦାଣ୍ଡରେ ଲହୁଲୁହାଣ କରି ମାଡ଼ ମାରିଥିଲେ। ମାଡ଼ ମାରିବା ପରେ ଆଗୁଆ ଥାନାକୁ ଆସି ପାଲଟା ଅଭିଯୋଗ କରିଥିଲେ। ପରେ ଲାହୁଲୁହାଣ ଅବସ୍ଥାରେ ଜାନକୀମା ଥାନାକୁ ଆସି ଗୁଣି ସନ୍ଦେହ କରି ଗାଁ ଦାଣ୍ଡରେ ମାଡ଼ ମାରିଥିବା ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହି ଏତଲାର କୌଣସି ସୁଫଳ ମିଳିନଥିବା ନେଇ ପୁଣି କୋରାପୁଟ ଏସ୍‌ପିଙ୍କ ନିକଟରେ ଗୁହାରି ପରେ ମଧ୍ୟ ନିରାଶ ହୋଇଛନ୍ତି ଜାନକୀ ପରିବାର । ସେପଟେ ଏହି ଘଟଣା ନେଇ ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦୀପକ କୁମାର ବାରିକ କହିଛନ୍ତି ଉଭୟ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଶେଷ ହୋଇଛି । ଏକ ଅନ୍ଧବିଶ୍ୱାସ, ଗୁଣି ଗାରେଡି ପରି ଘଟଣାକୁ ନେଇ ପାଟି ତୁଣ୍ଡ ହୋଇଛି । ଉଭୟ ପରିବାର ପକ୍ଷ ରୁ ଖୁବ୍‌ଶୀଘ୍ର ଉଭୟ ପକ୍ଷକୁ ନେଇ ଗ୍ରାମରେ ଏକ ଶାନ୍ତି କମିଟି ଡକାଯାଇ ମାମଲାର ସମାଧାନ କରିବା ପାଇଁ ନିଷ୍ପତି ନିଆଯାଇଛି ବୋଲି କହିଛନ୍ତି

## ● ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

# ମୋବାଇଲ ଟାୱାରରେ ଚଢ଼ି ଆତ୍ମହତ୍ୟା ହାଇଡ୍ରାମା



କଲ୍ୟାଣସିଂହପୁର,୧୧।୫(ସମିସ): ମୋବାଇଲ୍ ଟାୱାର ଉପରେ ଚଢ଼ି ଆତ୍ମହତ୍ୟା ନାଟକ ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ସଦର ଗ୍ରାମରେ ଦେଖିବାକୁ ମିଳିଛି। ସଦର ଗ୍ରାମର ଏହି ମଦ୍ୟପ ଯୁବକ ଟାୱାର ଉପରେ ଚଢି ଆତ୍ମହତ୍ୟା ଧମକ ଦେବା ଘଟଣା ପୁଲିସ ଓ ଅଗ୍ନିଶମ ବିଭାଗକୁ ନାକେଦମ କରିଦେଇଥିଲା। କିଛି ସମୟ ପାଇଁ ଏଭଳି ଦୃଶ୍ୟ ଗ୍ରାମବାସୀ ପ୍ରଥମ କରି ଦେଖିଥିଲେ। କଲ୍ୟାଣସିଂହପୁର ସହରର କୁମ୍ଭାର ସାହିର ତ୍ରିଲୋଚନ କାଶୀ ଅତ୍ୟଧିକ ମଦ୍ୟପାନ କରି ଏକ ମୋବାଇଲ ଟାୱାର ଉପରକୁ ଚଢି ଯାଇଥିଲେ। ସେଠାରୁ ସେ ଡେଇଁ ଆଇହତ୍ୟା କରିବେ ବୋଲି ଧମକ ଦେବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହୋଇଥିଲା। ଦୀର୍ଘ ସମୟ ଧରି ଟାୱାର ତଳେ ଲୋକଙ୍କ ପ୍ରବଳ ଭିଡ ଜମିବା ସହ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ କଲ୍ୟାଣସିଂହପୁର ଥାନା ଅଧିକାରିଣୀ କଳ୍ପନା ବେହେରା ଏବଂ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ବହୁ ସମୟ ପରିଶ୍ରମ କରି ବୁଝାସୁଝା ପରେ ଯୁବକଙ୍କୁ ସୁରକ୍ଷିତ ଭାବେ ଟାୱାର ତଳକୁ ଅଣାଯାଇଥିଲା। ଅଗ୍ନିଶମ ବାହିନୀର ଏହି ଚତୁରତା ଯୋଗୁଁ ଏକ ବଡ଼ ଅଘଟଣକୁ ଅଟକା ଯାଇଛି। ଉଦ୍ଧାର ପରେ ପୁଲିସ ତ୍ରିଲୋଚନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଯୁବକ ଜଣକ କେଉଁ କାରଣ ପାଇଁ ଏଭଳି ଚରମ ନିଷ୍ପତି ନେଇଥିଲେ, ସେ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ ପ୍ରକାଶ କରିଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



କୋଟପାଡ,୧୧।୫ (ସମିସ): କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଦୁଇ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖ ଦିନ ବ୍ରାହ୍ମଣଦେଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେବା ନିବୃତ୍ତି ପାଇଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ହରିଜନ ଓ ଖଗେଶ୍ୱର ଗୋଲରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି।ଏହି ଅବସରରେ ଦୁଇ ଜଣ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ପରେ ଅଗ୍ରପୂଜ୍ୟ ଗଜାନନଙ୍କ ଫୋଟଚିତ୍ରରେ ଧୂପ ଦୀପ ଓ ନୈବେଦ୍ୟ ଅର୍ପଣ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହାପରେ ଉଭୟ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କର୍ମକ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ବକ୍ତବ୍ୟ ମାଧ୍ୟମରେ କୋଟପାଡ଼ ଶିକ୍ଷା ଆକାଶରେ ଉଭୟଙ୍କ ଅବସର ଗ୍ରହଣ ଏକ ଅପୂରଣୀୟ କ୍ଷତି ବୋଲି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଅବଗତ କରିଥିଲେ। ଏହାପରେ ସଂଗଠନ ତରଫରୁ ଉପଢୌକନ, ମାନପତ୍ର, ପୁଷ୍ପମାଲ୍ୟ ଏବଂ ଉପହାର ପ୍ରଦାନ କରି ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ ସଂଘ ସଭାପତି ସନ୍ତୋଷ କୁମାର ଦୁର୍ବେ କରିଥିବାବେଳେ ସଂପାଦକ ତୁଲାରାମ ମାଝୀ ମଞ୍ଚାସୀନ ଥିଲେ। ଶିକ୍ଷକ ବୈରିଗଞ୍ଜନ ମହାଲିକ ମଞ୍ଚ ପରିଚାଳନା କରିଥିବାବେଳେ ସୁକାନ୍ତ ଭତ୍ରା, ବଦ୍ରିନାଥ ନାୟକ, ଲକ୍ଷ୍ମୀ ନାରାୟଣ ମାଝି,ତିର୍ଥବାସୀ ଚୈଧୁରୀ, ପ୍ରହ୍ଲାଦ ନାୟକ, ଡମ୍ବୁରୁଧର ପୂଜାରୀ, ନବୀନ ଚଲାଣ ପ୍ରମୁଖ ସହଯୋଗ କରିଥିଲେ।

# ତୁରୁଞ୍ଜି ପ୍ରାଥମିକ ବିଦ୍ୟାଳୟରୁ ଚୋରି

ନନ୍ଦାହାଣ୍ଡି,୧୧।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧଣ୍ଡରା ପଞ୍ଚାୟତର ତୁରୁଞ୍ଜି ପ୍ରାଥମିକ ବିଦ୍ୟାଳୟରୁ ଚୋରି ଘଟଣା ଘଟିଥିବା ନେଇ ତେନ୍ତୁଳିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ ଏହି ଅଭିଯୋଗ କରିଥିବା ସୂଚନା ମିଳିଛି।"ଅଭିଯୋଗ ଅନୁସାରେ, ଗତ ଶନିବାର ରାତିରେ କେତେକ ଦୁର୍ବୃତ୍ତ ବିଦ୍ୟାଳୟର ଅଫିସ ଘରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ପରେ ସେମାନେ ବିଦ୍ୟାଳୟରେ ଥିବା ଏକ ପ୍ରିଣ୍ଟର ମେସିନ ଓ ୬୫ ଇଞ୍ଚର ସ୍ମାର୍ଟ ଟିଭି ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ରବିବାର ଦିନ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପାଇବା ପରେ ତେନ୍ତୁଳିଖୁଣ୍ଟି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବିଦ୍ୟାଳୟଗୁଡିକରେ ଛୁଟି ଚାଲିଥିବା ସମୟରେ ଦୁର୍ବୃତ୍ତମାନେ ସୁଯୋଗ ନେଇ ଏଭଳି ଚୋରି କରୁଥିବାରୁ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ବିଦ୍ୟାଳୟର ସୁରକ୍ଷା ପାଇଁ ଜଗୁଆଳି ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

# ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ




୨୭ଟି ଅଭିଯୋଗର ଶୁଣାଣି

ଡାବୁଗାଁ, ୧୧।୫(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନଶକ୍ତି ସଭାଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ (ସାଧାରଣ) ଡା. ପ୍ରମୋଦ କୁମାର ପୃଷ୍ଟିଙ୍କ ଦ୍ୱାରା ୨୭ ଟି ଅଭିଯୋଗର ଶୁଣାଣି କରି ତାର ସମାଧାନ ନିମନ୍ତେ ଜିଲ୍ଲାର ଯେଉଁ ବିଭାଗର ଅଭିଯୋଗ ସେହି ବିଭାଗର ଅଧିକାରୀ ମାନଙ୍କୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୭ଟି ଅଭିଯୋଗ ମଧ୍ୟରୁ ୧୬ଟି ଅଭିଯୋଗ ବ୍ୟକ୍ତିଗତ, ୧୧ ଟି ଅଭିଯୋଗ ଗୋଷ୍ଠୀଗତ। ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଡେଙ୍ଗାଗୁଡା ଗ୍ରାମରେ ପାନୀୟଜଳ, ନବରଙ୍ଗପୁର ବ୍ଲକ ଅଧୀନ ବାଘଷିଉନି ଗ୍ରାମରେ ବେଆଇନ ଭାବେ ଚାରା ରୋପଣ, ଝରିଗାଁ ବ୍ଲକ ଅଧୀନ ଅର୍ଜିତଗୁଡା ଗ୍ରାମରେ ଶ୍ମଶାନ ଘାଟ ସମସ୍ୟା, ଡାବୁଗାଁ ବ୍ଲକ ଅଧୀନ କୋଇଲାରୀ ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ସ୍ଥାପନ, ଡାବୁଗାଁ ଓଡିଶା ଡ୍ରାଇଭର ମହାସଂଘର ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିବା, ଡାବୁଗାଁ ରିବିନିଗୁଡା ସାହିର ମହାଲକ୍ଷ୍ମୀ ଏସଏଚଜିର ସଭ୍ୟା ମାନେ ମିସନଶକ୍ତି କର୍ମଚାରୀଙ୍କ ବିରୋଧରେ ଅଭିଯୋଗ, ଡାବୁଗାଁ ବ୍ଲକ ଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଦାଲତ ସ୍ଥାପନ, ଝରିଗାଁ ବ୍ଲକର ଚକଲାପଦର ଓ ଟେମରା ଗ୍ରାମରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ଅଭିଯୋଗ ହୋଇଥିଲା। ଶେଷରେ ୪ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଡଙ୍ଗରିଗୁଡା ଗ୍ରାମର ପ୍ରଫୁଲ୍ଲ ଖୁଣ୍ଟିଆ ୬ ମାସ ମଧ୍ୟରେ ଗୃହ କାର୍ଯ୍ୟ ଶେଷ କରିଥିବାରୁ ତାଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏଥିରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମଦକର ସନ୍ଦୀପ ସମ୍ପତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଶାନ, ଭାରପ୍ରାପ୍ତ ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଡାବୁଗାଁ ବିଡିଓ ସମୀର କୁମାର ପାତ୍ର, ତହସିଲଦାର ଗୀତା ମୁର୍ମୁ ଏବଂ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ଲକ୍ଷ୍ମୀପୁର,୧୧।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୧ ଗୋଟି ଅଭିଯୋଗ ଗ୍ରହଣ କରିଥିଲେ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ। ସେଥିମଧ୍ୟରୁ ୧୩ ଗୋଟି ସାମୂହିକ ରହିଥିବା ବେଳେ ୮ ଗୋଟି ବ୍ୟକ୍ତିଗତ ରହିଥିଲା। ଗୋଟିଏ ଅଭିଯୋଗକୁ ସଙ୍ଗେ ସଙ୍ଗେ ସମାଧାନ କରାଯାଇ ଥିବା ଉପ ଜିଲ୍ଲାପାଳ କହିଥିଲେ। ଏହି ଅଭିଯୋଗ ଶୁଣାଣି ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଉନ୍ନୟନ ଅଧିକାରୀ ବେଣୁଧର ଶବର, ତହସିଲଦାର ନୈବେଦ୍ୟ କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆମ୍ବ୍ରିତ୍ ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଶିବ ସାଇ ସ୍ୱରୂପ ସ୍ଥାନିୟ ଅଧ୍ୟକ୍ଷା ସୁୱାଇ କୁଲେସିକା ଏବଂ ଜିଲ୍ଲା ତଥା ବ୍ଲକର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଗ ଦେଇ ନିଜ ବିଭାଗକୁ ଆସିଥିବା ଅଭିଯୋଗ ଗୁଡିକୁ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇ ଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜିର ଏହି ଅଭିଯୋଗକୁ ଉପ ଜିଲ୍ଲାପାଳ ଗ୍ରହଣ କରିଥିବା କହିଛନ୍ତି। ରାସ୍ତା ଘାଟ, ପାନୀୟ ଜଳ, ପେନସନ, ଆବାସ ଗୃହ ଏଭଳି ଅଭିଯୋଗ ଆସିଥିଲା। ଆସନ୍ତା ୧୬ ତାରିଖରେ ହେବାକୁ ଥିବା ୬ମିଲିୟନ ଟନ୍ ବାର୍ଷିକ ବକ୍ସାଇଟ କୋଡ଼ିଙ୍ଗାମାଳିଠାରୁ ଖନନ ସପକ୍ଷରେ ଦୁଇଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏହି ଦରଖାସ୍ତ ଗାଡ଼ି ମାଲିକ ସଙ୍ଘ ଓ କୋଡ଼ିଙ୍ଗାମାଳି ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଦାନ କରାଯାଇ ଥିଲା। ସମସ୍ତ ଅଭିଯୋଗ ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି।

## ଭାଲୁ ଆକ୍ରମଣରେ ଆହତ ଯୁବକଙ୍କ ଘରେ ପହଞ୍ଚିଲା ବନବିଭାଗ



ନବରଙ୍ଗପୁର,୧୧।୫(ସମିସ): ରବିବାର ଭାଲୁ ଆକ୍ରମଣ ରେ ଆହତ ଯୁବକ ତେନ୍ତୁଳୀଖୁଣ୍ଟି ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରି ଆସିଥିବା ଖବର ପ୍ରକାଶନ ପରେ ଆହତ ଯୁବକ ସଞ୍ଜୟଙ୍କ ଘରେ ପହଞ୍ଚିଲା ବନବିଭାଗ। ସୂଚନା ପ୍ରକାରେ ନନ୍ଦାହାଣ୍ଡି ବ୍ଲକ ମେଣ୍ଡ୍ରି ପଞ୍ଚାୟତ ଅନ୍ତର୍ଗତ ବାଦିଗୁଡା ଗ୍ରାମର ସଞ୍ଜୟ ସୁନା ଗ୍ରାମ ଉପକଣ୍ଠରେ ଥିବା ପୋଖରୀରେ ଶୌଚ ପାଇଁ ଯାଇ ଭାଲୁ ଆକ୍ରମଣରେ ଶିକାର ହୋଇ ତେନ୍ତୁଳୀଖୁଣ୍ଟି ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରି ଆସିଥିବା ଘଟଣା ଦୈନିକ ଖବର କାଗଜ "ସକାଳ" ଖବର ପ୍ରସାରଣ ପରେ ବନପାଳ ରିତେଶ ସୁନା, ବନରକ୍ଷୀ ପରେଶ ବିଷୋୟୀ ଆହତ ସଞ୍ଜୟ ଙ୍କ ଘରେ ପହଂଚି ସଞ୍ଜୟଙ୍କ ସ୍ୱାସ୍ଥ୍ୟ ଓ ଆକ୍ରମଣ ଘଟଣାଟି ପଚାରି ବୁଝିବା ସହିତ ଭୟଭୀତ ନହେବାକୁ ପରାମର୍ଶ ଦେଇଥିବା ସୂଚନା ମିଳିଛି।

# ଅଷ୍ଟମ ଦିନରେ ଅଗ୍ନିଗଙ୍ଗା ମା'ଙ୍କ ଯାତ୍ରା



ସେମିଳିଗୁଡ଼ା, ୧୧।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ାରେ ଗତ ୩ତାରିଖରୁ ଆରମ୍ଭ ହୋଇଥିବା ଅଗ୍ନିଗଙ୍ଗା ମା'ଙ୍କ ୯ ଦିନିଆ ଘଟଯାତ୍ରା ସୋମବାର ଅଷ୍ଟମ ଦିନରେ ପହଞ୍ଚିଛି। ପୂଜାମଣ୍ଡପରେ ଭକ୍ତଙ୍କ ଭିଡ଼ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଦିନସାରା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଓ ଘଟଦାନ ପର୍ବ ଚାଲିଥିଲା।ବହୁ ଭକ୍ତଙ୍କ ସମାଗମ ହୋଇଛି। ସନ୍ଧ୍ୟାରେ ଘଟ ନଗର ପରିକ୍ରମା ଏବଂ ମା'ଙ୍କ ଅନେକ ସ୍ଥାନରେ ନିଆଁ ମାଡ଼ିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାତ୍ରାକୁ ଆହୁରି ଆକର୍ଷଣ କରିବା ନେଇ କମିଟି ତରଫରୁ ସେମିଳିଗୁଡ଼ା ସହରକୁ ସଜ୍ଜିତ କରାଯାଇଛି। ସହରରେ ଆସିଥିବା ଏକ ମିନାବଜାର ଲୋକଙ୍କୁ ଆକୃଷ୍ଟ କରିଛି। ଯାତ୍ରା ଦେଖିବାକୁ ସେମିଳିଗୁଡ଼ା, ପଟ୍ଟାଙ୍ଗି, ନନ୍ଦପୁର ଓ କୋରାପୁଟ ଆଦି ଅଞ୍ଚଳରୁ ଭକ୍ତ ଯୋଗଦେଇଥିଲେ। ଆନ୍ଧ୍ରରୁ ବିଭିନ୍ନ ବେଶର ରୋଡ୍ ଶୋ' ଆୟୋଜନ କରିଥିଲେ। ମଙ୍ଗଳବାର ଯାତ୍ରା ଶେଷ ଦିନ ହୋଇଥିବାରୁ କମିଟି ପକ୍ଷରୁ ସବୁ ପ୍ରସ୍ତୁତି କରାଯାଉଛି । ଶେଷ ଦୁଇଦିନ ଯାତ୍ରା ପାଇଁ ସହରରେ ଆଧ୍ୟାତ୍ମିକ ଓ ଉତ୍ସାହିତ ବାତାବରଣ ସୃଷ୍ଟି ହେଉଛି।



## ● ଜିଲ୍ଲା ଶିକ୍ଷା ଓ ଶିକ୍ଷା ନିରୀକ୍ଷକ ସଂଘ

# ହଷ୍ଟେଲ ପରିଚାଳନା ନିଷ୍ପତ୍ତି ନେଇ ବୈଠକ

ନବରଙ୍ଗପୁର,୧୧।୫(ସମିସ) : ନବରଙ୍ଗପୁର ଜିଲ୍ଲା ମଙ୍ଗଳ ବିଭାଗରେ ଚାଲୁଥିବା ହଷ୍ଟେଲ ପରିଚାଳନା ସମ୍ପର୍କରେ ଉତ୍କଳ କଲ୍ୟାଣ ନବରଙ୍ଗପୁର ଶାଖା ଶିକ୍ଷା ଓ ଶିକ୍ଷା ନିରୀକ୍ଷକ ସଂଘ ପକ୍ଷରୁ ସଭାପତି ହୃଷୀକେଶ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆସନ୍ତା ଚଳିତ ମାସ ୧୩ ତାରିଖ ଦିନ ଉମରକୋଟ ବ୍ଲକ ଅଧୀନସ୍ଥ ଭାମିନି ଉଚ୍ଚ ବିଦ୍ୟାଳୟ ନିକଟରେ ଅବସ୍ଥିତ "ଭାସ୍କଲ ଡ୍ୟାମ " ପରିସରରେ ଏକ ବୈଠକ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ହଷ୍ଟେଲ ପରିଚାଳନା ରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉକ୍ତ ଦିନ ଆଲୋଚନା ହେବ। ବୈଠକର ନିଷ୍ପତ୍ତି ପ୍ରକାରେ ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏକତ୍ରିତ କରି ସଭା ସ୍ଥଳରେ ପହଞ୍ଚାଇବା ନିମନ୍ତେ ଜିଲ୍ଲାର ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଧ୍ୟକ୍ଷ ମାନଙ୍କୁ ସର୍ବସମ୍ମତି କ୍ରମେ ଦାୟୀତ୍ୱ ଦିଆଯାଇଛି। ଫଳରେ ଆଗାମୀ ଦିନରେ ସଂଘ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଲି ସମ୍ପର୍କରେ କାର୍ଯ୍ୟପନ୍ଥା ସ୍ଥିର କରିବା ନିମନ୍ତେ ଆଲେଚନା ହୋଇପାରିବ। ସମ୍ପ୍ରତି ମଙ୍ଗଳ ବିଭାଗରେ ହୋଇଥିବା ଅଘଟଣ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଏବଂ ସତ୍ୟା ସତ୍ୟ ନ ଜାଣି ପ୍ରଶାସନିକ ସ୍ତରରେ ଏବଂ ରାଜନୈତିକ ସ୍ତରରେ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଦାୟୀ କରାଯାଉଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉଦବେଗ ପ୍ରକାଶ କରିଥିଲେ। ହଷ୍ଟେଲ ପରିଚାଳନା ନିମନ୍ତେ ଗାଇଡ ଲାଇନ ବାହାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନେକ ଦାୟିତ୍ୱ ଦିଆଯାଇଛି ଏବଂ ଯଦି କିଛି ଅଘଟଣ ଘଟିଲେ, ପ୍ରକୃତ ତଦନ୍ତ ନ କରି କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ମାନସିକ ଦୁଶ୍ଚିନ୍ତାରେ ଜୀବନ ଅତିବାହିତ କରୁଛନ୍ତି ବୋଲି ବୈଠକରେ ଆଲେଚନା ହୋଇଥିଲା। ବୈଠକ ଶେଷରେ ସଂଘର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ହିତାଧିକାରୀ ଅଂଶୀଦାରଙ୍କ ସହ ପରାମର୍ଶ ବୈଠକ



କୋରାପୁଟ,୧୧।୫ (ସମିସ): ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାକୁ ନେଇ ଏକ ସମୁଦାୟ ସ୍ତରୀୟ ହିତାଧିକାରୀ ଅଂଶୀଦାର ମାନଙ୍କ ସହିତ ପରାମର୍ଶ କେନ୍ଦ୍ରିତ ଆଲୋଚନା ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ପରାମର୍ଶ ବୈଠକରେ କୋରାପୁଟ ଜିଲ୍ଲା ପୋଲିସ ଡିଏସ୍‌ପି ବିରଞ୍ଚି ଜଗତ, ମାଲକାନଗିରି ଜିଲ୍ଲା ପୋଲିସ ଆଇଆଇସି ସୁନୀଲ କୁମାର ସ୍ୱାଇଁ,ସରକାରୀ ମେଡିକାଲ ଅଫିସର୍, ରାୟଗଡ଼ା ଡାକ୍ତର ରଶ୍ମିପ୍ରଭା ଦାସ, ବରିଷ୍ଠ ସମାଜସେବୀ ସ୍ୱର୍ଣ୍ଣଲତା ମହାନ୍ତି, ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ସମାଜ ବିଜ୍ଞାନର ସହକାରୀ ପ୍ରଫେସର ଡ଼କ୍ଟର କୃଷ୍ଣ ସେଠୀଙ୍କ ସମେତ କୋରାପୁଟ,ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାର ଆଶା ଦିଦି, ଅଙ୍ଗନବାଡି ଦିଦି, ପ୍ରେରଣା ଦିଦି, ପ୍ରୋଗ୍ରାମ ଅଫିସର, , ସଖୀ କେନ୍ଦ୍ରର ସଂଯୋଜିକା, ଜିଲ୍ଲା ସ୍ତରୀୟ ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା,ଜିଲ୍ଲା ହବ୍ ସଂଯୋଜକ,ସମାଜସେବୀ, ପୀଡ଼ିତା ପ୍ରମୁଖ ଅଂଶଗ୍ରହଣକାରୀ ମାନେ ସମୁଦାୟ ସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କର ମତାମତ ଉପସ୍ଥାପନା କରିଥିଲେ। ଅଂଶଗ୍ରହଣକାରୀ ମାନେ ମହିଳା ବିରୋଧୀ ହିଂସା ଦୂର କରିବାରେ ସମୁଦାୟ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ସମୁଦାୟ ଏବଂ ଅନୁଷ୍ଠାନର ପ୍ରତିନିଧିମାନେ ସମାଜର ସାମ୍ପ୍ରତିକ ପରିସ୍ଥିତିରେ ଗବେଷଣାର ଆବଶ୍ୟକତା ଉପରେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ। ପରେ ସମସ୍ତ ଅଂଶୀଦାର ମାନେ ଘରୋଇ ହିଂସା ଏବଂ ଯୌତୁକ ନିଷେଧ ଆଇନର ସମାଧାନ ଉପରେ ପ୍ରଶ୍ନୋତ୍ତର ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଘରୋଇ ହିଂସା ଏବଂ ଶୋଷଣ ବିରୁଦ୍ଧରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ଏବଂ ଘରୋଇ ହିଂସାକୁ ସମାଧାନ କରିବାରେ ବିଦ୍ୟମାନ ବ୍ୟବସ୍ଥା ଓ ଅନୁଷ୍ଠାନ କିପରି ସାହାଯ୍ୟ କରୁଛି ସେ ବିଷୟରେ ଅବଗତ କରିଥିଲେ। ଆତ୍ମନିର୍ଭର ଓ ସଚେତନ ହେଲେ ନାରୀ ସୁରକ୍ଷିତ ହେବେ, ନାରୀମାନେ ଯଦି ଶିକ୍ଷିତ, ସ୍ୱାବଲମ୍ବୀ ହୁଅନ୍ତି ତେବେ ସେମାନଙ୍କ ଉପରେ ହିଂସାର ଘଟଣା ହ୍ରାସ ପାଇବ ବୋଲି ମତାମତ ରଖିଥିଲେ। ଏ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯାଇ ପାରିଲେ ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସୁରକ୍ଷିତ ଓ ସମ୍ମାନ ଜନକ ଜୀବନ ଜିଇ ପାରିବେ ବୋଲି ଗୁରୁତ୍ୱାରୋପ କରା ଯାଇଥିଲା। ମହିଳାମାନଙ୍କ ପ୍ରତି ନିର୍ଯାତନା, କାରଣ ନିରାକରଣ ଓ ସୁରକ୍ଷା ନିମନ୍ତେ ପ୍ରଣୟନ ହୋଇଥିବା ଆଇନ ଅନୁଯାୟୀ ସହାୟତା ବ୍ୟବସ୍ଥା ଏବଂ ବିସ୍ତୃତ ସୂଚନା ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ନିର୍ଯାତନାର ଶିକାର ହେଇଥିବା ମହିଳାମାନଙ୍କ ଅଧିକାର, କର୍ତ୍ତବ୍ୟ ଓ ସହଯୋଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଂଶୀଦାର ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟ, ଓଡିଶା ର ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଏବଂ ରାଜ କିଶୋର ପଣ୍ଡା ଓ ବିକ୍ରମ ବିଶ୍ୱ ବିଦ୍ୟାଳୟର ଗବେଷକ ଡ଼କ୍ଟର ଆଭାସ କୁମାର ଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

